## ସଂକ୍ଷେପରେ

### ୬ ହଜାର ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

**ଅନୁଗୋଳ ଅଫିସ, ୧୦।୧୦:** ଅନୁଗୋଳ ଜିଲାରୁ ଶନିବାର ୨୨୧ ଜଣ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬,୦୨୯ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଣ୍ଠରପାଳ ବ୍ଲକରୁ ୪୨ ଜଣ, କଣିହାଁ ବ୍ଲକରୁ ୩୯, ତାଳଚେର ବ୍ଲକରୁ ୩୬ ଓ ପୌରାଞ୍ଚଳରୁ ୩୩, ଅନୁଗୋଳ ପୌରାଞ୍ଚଳରୁ ୧୯ ଓ ବ୍ଲକରୁ ୧୬, ପାଲଲହଡ଼ା ବ୍ଲକରୁ ୧୫, ଛେଣ୍ଡିପଦାରୁ ୧୦, କିଶୋରନଗରରୁ ୫ ଜଣ, ଆଠମଲ୍ଲିକ ବିଜ୍ଞାପିତ ପରିଷଦରୁ ୫ ଓ ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଆଉ ୧୦୭ ଜଣ ସୁସ୍ଥ ହୋଇଛନ୍ତି।

### ୪ କେଜି ରୁପା ଲୁଟ୍

**ଅନୁଗୋଳ ଅଫିସ, ୧୦।୧୦:** ଅନୁଗୋଳ ଥାନା ବାରସିଂହା ଅଞ୍ଚଳର ମହେଶ୍ୱର ଦାସଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରି ଶନିବାର ପ୍ରାୟ ୪ କେଜି ରୁପା ସହ ୧୦ ହଜାର ଟଙ୍କା ଲୁଟ୍ କରିଛନ୍ତି। ଏ ନେଇ ମହେଶ୍ୱରଙ୍କ ସ୍ତ୍ରୀ ଦୁଃଖୀ ଦାସ ଥାନାରେ ଅଭିଯୋଗ କରିଛନ୍ତି। ଅପରାହ୍ଣରେ ମହେଶ୍ୱର ରୁପା ବିକ୍ରି କରି ଘରକୁ ଫେରୁଥିବାବେଳେ ୩ ଜଣ ଦୁର୍ବୃତ୍ତ କଞ୍ଚନାଳୀ ରୋଡ ନିକଟରେ ତାଙ୍କୁ ଆକ୍ରମଣ କରିଥିଲେ। ଅନୁଗୋଳ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମହେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

### ରାତିରେ କାଟିନେଲେ ଚନ୍ଦନ ଗଛ

**ବଇଣ୍ଡା, ୧୦।୧୦(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ପାଇକସାହି ଗ୍ରାମର ଦିଲୀପ ପ୍ରଧାନ ଓ ଅଜିତ ପ୍ରଧାନଙ୍କ ୨ଟି ଚନ୍ଦନ ଗଛକୁ ଶୁକ୍ରବାର ବିଳମ୍ବିତ ରାତିରେ କେହି କାଟି ନେଇଛି। ଏ ନେଇ ଦିଲୀପ ଶନିବାର ଥାନାରେ ଅଭିଯୋଗ କରିବା ପରେ ନଂ. ୧୮୮/୨୦ରେ ମାମଲା ରୁଜୁ ହୋଇଛି। ଗଛଗୁଡିକ ୩୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବାବେଳେ କେତେଜଣ ଦୁର୍ବୃତ୍ତ କଟର ମେଶିନ ସହାୟତାରେ ଏହାକୁ କାଟି ନେଇଥିବା ଜଣାପଡିଛି।

### ପୋଲରେ ପିଟି ହୋଇ ବାଇକ୍ ଚାଳକ ମୃତ

**ବଇଣ୍ଡା, ୧୦।୧୦(ଡି.ଏନ.ଏ.):** କିଶୋରନଗର ଥାନା ଦେହଲୀ-ବଣିଆଦୋହଲି ରାସ୍ତାର ଏକ ପୋଲରେ ପିଟି ହୋଇ ବାଇକ୍ ଚାଳକ ଆମ୍ବପାଳ ଗ୍ରାମର ସୌମ୍ୟରଞ୍ଜନ ପାତ୍ର(୩୧)ଙ୍କ ଶନିବାର ମୃତ୍ୟୁ ଘଟିଛି। ପୋଲିସ କହିଛି, ସୌମ୍ୟ ବାଇକ ଯୋଗେ ଘରକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ପୋଲରେ ପିଟି ହୋଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏ ସଂକ୍ରାନ୍ତରେ ନଂ.୧୫୩/୨୦ରେ ଏକ ମାମଲା ରୁଜୁ ହୋଇଛି।

### ଖଣି କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ ଜାରି

**କଣିହାଁ, ୧୦।୧୦(ଡି.ଏନ.ଏ.):** ଏମ୍‌ସିଏଲ କଣିହାଁ ଓସିପି ଯୋଗୁ ପଥରମୁଣ୍ଡା ଗ୍ରାମର କ୍ଷତିଗ୍ରସ୍ତ ପରିବାର ନିଯୁକ୍ତି ଦାବିରେ ଚଳାଇଥିବା ଆନ୍ଦୋଳନ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଗ୍ରାମର ଅଧିଗ୍ରହଣ ହୋଇଥିବା ଜମି ସମତୁଲ କାମକୁ ବିରୋଧ କରାଯିବ ବୋଲି ଚେତାବନୀ ଦେଇ ସେମାନଙ୍କ ଜମି ଥିବା ସ୍ଥାନରେ ଆନ୍ଦୋଳନ କରିଛନ୍ତି। ଏ ନେଇ ଖଣି କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ। ତେବେ ଘଟଣା ସମ୍ପର୍କରେ କେହି ଅବଗତ କରାଇ ନ ଥିବା ତହସିଲଦାର କହିଛନ୍ତି।

### ୫୫ ହଜାର ଜରିମାନା ଆଦାୟ

**କଣିହାଁ, ୧୦।୧୦(ଡି.ଏନ.ଏ.):** କଣିହାଁ ତହସିଲ ପକ୍ଷରୁ ପୋଲିସ ସହଯୋଗରେ କୋଭିଡ୍ ନିୟମ ପାଳନ ନେଇ ଶନିବାର ବ୍ୟାରେଜ ଛକରେ ଯାଞ୍ଚ କରାଯାଇଥିଲା। ଏଥିରେ କଟକଣା ପାଳନ କରି ନ ଥିବା ଦୋକାନୀ ଓ ମାସ୍କ ପିନ୍ଧି ନ ଥିବା କେତେଜଣ ବାଇକ ଚାଳକଙ୍କଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ବେଆଇନ ବାଲିଚାଲଣ କରୁଥିବା ୩ଟି ଟ୍ରାକ୍ଟରରୁ ଗୁରୁବାର ଓ ଶୁକ୍ରବାର ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ପତିତପାବନ ଦେବତା ସୂଚନା ଦେଇଛନ୍ତି।

# ଆହୁରି ୨ବର୍ଷ ଯାଏ ଅପେକ୍ଷା

**ଢେଙ୍କାନାଳ ଅଫିସ, ୧୦।୧୦**


ରକ୍ଷଣାବେକ୍ଷଣ ଅଭାବରୁ ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି।

- ୫୫ନଂ. ଏନ୍‌ଏଚ୍ ସମ୍ପ୍ରସାରଣ କାମ ବିଳମ୍ବିତ
- ପରିବହନ କମିଶନରଙ୍କୁ ରିପୋର୍ଟ ଦେଲେ ଆର୍‌ଟିଓ
- ୫୦% ପରିବର୍ତ୍ତେ ସରିଛି ମାତ୍ର ୩୦ ପ୍ରତିଶତ
- କରୋନା, ବର୍ଷା ଋତୁ ପାଇଁ ସମସ୍ୟା ହୋଇଛି
- ୨୦୨୨ ସୁଦ୍ଧା ସମ୍ପୂର୍ଣ୍ଣ ହେବ: ଏନ୍‌ଏଚ୍‌ଏଆଇ

କଟକ ଜିଲା ମଙ୍ଗୁଳି ଛକଠାରୁ ଢେଙ୍କାନାଳ ଦେଇ ଅନୁଗୋଳକୁ ସଂଯୋଗ କରୁଥିବା ୫୫ନଂ. ଜାତୀୟ ରାଜପଥ (ଏନ୍‌ଏଚ୍) ସମ୍ପ୍ରସାରଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଛି। ଏହି ପ୍ରକଳ୍ପ ୨୦୨୦ ସୁଦ୍ଧା ସରିବା କଥା। ହେଲେ କରୋନା ଏବଂ ବର୍ଷା କାରଣରୁ କାର୍ଯ୍ୟ ବିଳମ୍ବିତ ହୋଇଛି। ଏହା ଶେଷ ହେବାକୁ ଆହୁରି ୨ ବର୍ଷ ଲାଗିବ। ୨୦୨୨ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଏନ୍‌ଏଚ୍ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ରାଜ୍ୟ ପରିବହନ କମିଶନର ରିପୋର୍ଟ ମାଗିଥିଲେ। ଇତିମଧ୍ୟରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ବସନ୍ତ ମାଝି ରିପୋର୍ଟ ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୫୦% କାମ ଶେଷ ହେବା କଥା। ହେଲେ ୩୦ ପ୍ରତିଶତ କାମ ସରିଥିବା ଆର୍‌ଟିଓ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

କଟକ ଜିଲା ମଙ୍ଗୁଳିଠାରୁ ଢେଙ୍କାନାଳ ମଧ୍ୟରେ ଏନ୍‌ଏଚ୍‌ର ୩୦ କିଲୋମିଟର ଯାଏ ଏକପାଖିଆ ଉନ୍ନତୀକରଣ କାମ ହୋଇଛି। ଢେଙ୍କାନାଳଠାରୁ ଅନୁଗୋଳ ମଧ୍ୟରେ କାମ ଆଗେଇ ପାରୁ ନ ଥିବାରୁ ରାସ୍ତା ମରଣଯନ୍ତା ପାଲଟିଛି। ଢେଙ୍କାନାଳ ଏବଂ ଅନୁଗୋଳ ଜିଲାରେ ବିଭିନ୍ନ ଶିଳ୍ପାନୁଷ୍ଠାନ ରହିଥିବାରୁ ଦୈନିକ ୪୦ ହଜାରରୁ ଊର୍ଦ୍ଧ୍ୱ ଭାରିଯାନ ଚଳାଚଳ କରୁଛି। ଫଳରେ ରାସ୍ତା ଅଧିକ ଶୋଚନୀୟ ହୋଇପଡ଼ିଛି। ରାସ୍ତା ଖୋଳାଯାଇଥିବା ସ୍ଥାନରେ ବର୍ଷା ପାଣି ଜମି ରହୁଛି। ରାଜପଥ କାମ ଶୀଘ୍ର ଶେଷ କରିବାକୁ ଗତବର୍ଷ ଏନ୍‌ଏଚ୍‌ଏଆଇ, ପ୍ରଶାସନ ଏବଂ ଜନପ୍ରତିନିଧିଙ୍କୁ ନେଇ ବୈଠକ ବସିଥିଲା। ୨୦୨୦ ଜୁଲାଇ ୨୦ ସୁଦ୍ଧା ଅନ୍ୟୁନ ୫୦% କାମ ସାରିବାକୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହା ୩୦%ରେ ସୀମିତ ରହିଛି। ତେଣୁ ୨୦୨୨ ସୁଦ୍ଧା ବି କାମ ସରିବ କି ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସଂକ୍ରାନ୍ତରେ ଏନ୍‌ଏଚ୍‌ଏଆଇର ଢେଙ୍କାନାଳ ଜୋନ୍ ପ୍ରକଳ୍ପ ନିର୍ଦ୍ଦେଶକ ପି.କେ. ସାବତ କୁହନ୍ତି, ଜାନୁୟାରୀ, ଫେବୃୟାରୀରେ ସମ୍ପ୍ରସାରଣ କାର୍ଯ୍ୟ ଜୋର୍‌ରେ ଆଗେଇ ଚାଲିଥିଲା। ମାର୍ଚ୍ଚରେ କରୋନା ସଂକ୍ରମଣ ଆରମ୍ଭ ହେବା ପରେ ଶ୍ରମିକ ମିଳିଲେ ନାହିଁ। କାମ ବନ୍ଦ ହୋଇଗଲା। ଏହା ପରେ ବର୍ଷା ଆସିଲା। କାମ ହୋଇପାରିଲା ନାହିଁ। ତେଣୁ ଜୁଲାଇ ୨୦ ସୁଦ୍ଧା ନିର୍ଦ୍ଧାରିତ ୫୦% କାର୍ଯ୍ୟ ସରିପାରିଲା ନାହିଁ। ୨୦୨୦ରେ ସରିବାକୁ ଥିବା ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ୨୦୨୨ ସୁଦ୍ଧା ସରିବ ବୋଲି ସେ ସୂଚନା ଦେଇଛନ୍ତି।

## ଅଢ଼େଇ ବର୍ଷରେ ଗଲାଣି ୫୦୦ ଜୀବନ

ଢେଙ୍କାନାଳ ଜିଲା ଦେଇଯାଇଥିବା ୫୩ ଏବଂ ୫୫ ନଂ. ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡ଼ିଥିବା ଏହି ଦୁଇ ବ୍ୟସ୍ତବହୁଳ ସଡ଼କରେ ଦୁର୍ଘଟଣା ନିତିଦିନିଆ ହୋଇଛି। ଜିଲା ପରିବହନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ଅଢ଼େଇ ବର୍ଷରେ ଅର୍ଥାତ୍ ୨୦୧୮ରୁ ୨୦୨୦ ଅଗଷ୍ଟ ମଧ୍ୟରେ ଉକ୍ତ ଦୁଇ ରାଜପଥ ସମେତ ବିଭିନ୍ନ ରାସ୍ତାରେ ୯୦୮ ଦୁର୍ଘଟଣା ଘଟିଛି। ଏଥିରେ ମୋଟ ୫୦୦ଜଣଙ୍କ ଜୀବନ ଯାଇଥିବାବେଳେ ୫୭୧ଜଣ ଆହତ ହୋଇଛନ୍ତି। ତେବେ ଅନେକ ସ୍ଥାନରେ ଦୁର୍ଘଟଣା ଘଟିଲେ ଠିକ୍ ସୂଚନା ମିଳୁନାହିଁ। ତେଣୁ ସରକାରୀ ତଥ୍ୟ ତୁଳନାରେ ଜିଲାରେ ଦୁର୍ଘଟଣା ଏବଂ ତତ୍‌ଜନିତ ମୃତାହତ ସଂଖ୍ୟା ବେଶି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

## କରୋନାରେ ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ମୃତ୍ୟୁ


ସୁବାସ ବେହେରା

**ଅନୁଗୋଳ ଅଫିସ, ୧୦।୧୦**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଜନସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟ ପରିଦର୍ଶକ ଭାବେ କାର୍ଯ୍ୟ କରୁଥିବା ସୁବାସ ବେହେରା (୪୬)ଙ୍କ ଶୁକ୍ରବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ତାଙ୍କ ଘର ସହର ଉପକଣ୍ଠ ଜରାସିଂହା ଗ୍ରାମରେ। କରୋନାରେ ଆକ୍ରାନ୍ତ ହେବାରୁ ଘରେ ଆଇସୋଲେସନରେ ରହି ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ତାଳଚେର କୋଭିଡ୍ କେୟାରକୁ ସ୍ଥାନାନ୍ତର କରାଯାଇଥିଲା। ଅଧିକ ଗୁରୁତର ହେବାରୁ ଶୁକ୍ରବାର ତାଙ୍କୁ ଭୁବନେଶ୍ୱର କିମ୍ବା କଟକ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯାଉଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କୁ ଶହୀଦ ଆଖ୍ୟା ପ୍ରଦାନ କରାଯାଇଛି। ଜିଲାରେ କରୋନା ଆକ୍ରାନ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ କାମରେ ମଧ୍ୟ ସେ ନିୟୋଜିତ ଥିଲେ। ସାଂସ୍କୃତିକ ଅନୁଷ୍ଠାନ ସୂର-ତାଲ ସହ ଜଡିତ ଥିଲେ। ତାଙ୍କ ବିୟୋଗରେ ଚିକିତ୍ସାଳୟ କର୍ମଚାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। କରଡ଼ାଗାଡ଼ିଆସ୍ଥିତ ଶ୍ମଶାନରେ ପୌରପାଳିକା ପକ୍ଷରୁ ମର୍ଯ୍ୟାଦାର ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଷ୍ଟିକର ଚିରି ଚାଲୁଛି ବେପାର

**ଅନୁଗୋଳ ଅଫିସ, ୧୦।୧୦**

- ନିୟମ ମାନୁନାହାନ୍ତି ବ୍ୟବସାୟୀ
- ସିଲ୍ ପରେ ବି ଦୋକାନ ଖୋଲା
- ଜିଲାପାଳଙ୍କୁ ଜଣାଯିବ- ନିର୍ବାହୀ ଅଧିକାରୀ

ସହରରେ ସଂକ୍ରମଣ ବଢୁଛି। ଦୋକାନ ବଜାରରେ ସାମାଜିକ ଦୂରତା ରଖିବା, ମାସ୍କ ପିନ୍ଧିବା ଉପରେ ଗୁରୁତ୍ୱ ଦିଆଯାଉଛି। ନିୟମ ନ ମାନିଲେ ଜରିମାନା ଆଦାୟ ସହ ଦୋକାନ ସିଲ୍ କରି ସେଠାରେ ଷ୍ଟିକର ଲଗାଯାଉଛି। କିନ୍ତୁ ଏହି କଟକଣାକୁ ଖାତିର କରୁନାହାନ୍ତି ଦୋକାନୀ। ନିୟମ ଉଲ୍ଲଂଘନ କରିଥିବା ବ୍ୟବସାୟୀଙ୍କ ଦୋକାନ ସିଲ୍ କରିବାର ଗୋଟିଏ ଦିନ ନ ପୂରୁଣୁ ଷ୍ଟିକର ଚିରି ବେପାର ଚାଲୁ କରୁଥିବା ଅନୁଗୋଳ ସହର ବସ୍‌ଷ୍ଟାଣ୍ଡରେ ଦେଖିବାକୁ ମିଳିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ଅନୁଗୋଳ ବସ୍‌ଷ୍ଟାଣ୍ଡ ପରିସରରେ ଏବେ ପ୍ରଶାସନ ପକ୍ଷରୁ କୋଭିଡ୍ ପରୀକ୍ଷା କରାଯାଉଛି। ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନର ବ୍ୟବସାୟୀ ଓ କର୍ମଚାରୀଙ୍କ ରିପୋର୍ଟ ପଜିଟିଭ ବାହାରୁଛି ସେମାନଙ୍କ ଦୋକାନକୁ ସିଲ୍ କରାଯାଉଛି। ଏଥିସହ ପାର୍ଶ୍ୱ ଦୋକାନକୁ ମଧ୍ୟ ୭ ଦିନ ପାଇଁ ସିଲ୍ କରାଯାଇ ଷ୍ଟିକର ଲଗାଯାଉଛି। ଗତ ୮ ତାରିଖରେ ବସ୍‌ଷ୍ଟାଣ୍ଡରେ ୬ ଜଣଙ୍କ କରୋନା ପଜିଟିଭ୍ ବାହାରିବା ପରେ ୧୩ଟି ଦୋକାନକୁ ପୌର ପ୍ରଶାସନ ସିଲ୍ କରିଥିଲା। କିନ୍ତୁ ସିଲ୍ ହେବାର ଗୋଟିଏ ଦିନ ନ ପୂରୁଣୁ ଜଣେ ଦୋକାନୀ ଷ୍ଟିକର ଚିରି ମିଠା ବ୍ୟବସାୟ ଆରମ୍ଭ କରିଦେଇଥିବା ଅଭିଯୋଗ ହୋଇଛି। ସେହିପରି ଏକ ବହି ଦୋକାନରେ ଜଣେ କର୍ମଚାରୀ କରୋନା ପଜିଟିଭ ବାହାରିବା ପରେ ଉକ୍ତ ଦୋକାନକୁ ସିଲ୍ କରାଯାଇ ଷ୍ଟିକର ଲଗାଯାଇଥିଲା। କିନ୍ତୁ ସମ୍ପୃକ୍ତ ଦୋକାନୀ ମଧ୍ୟ ଆଉ ଏକ ଫାଟକ ଖୋଲି ବେପାର ଚଳାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ସମ୍ପୃକ୍ତ ବ୍ୟବସାୟୀ କୋଭିଡ୍ ନିୟମ ଉଲ୍ଲଂଘନ କରିଛନ୍ତି। ଦୋକାନ ବନ୍ଦ କରିବାକୁ ତାଗିଦ୍ କରାଯାଇଛି। ଯଦି ନିୟମ ପାଳନ ନ କରନ୍ତି ପୁଣି ଦୋକାନ ସିଲ୍ କରାଯିବା ସହ ଜିଲାପାଳଙ୍କୁ ଅବଗତ କରାଯିବ। ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପରେ ପଦକ୍ଷେପ ନିଆଯିବ।

## ୪୩ ପଜିଟିଭ୍, ୭୦ ସୁସ୍ଥ

**ଢେଙ୍କାନାଳ ଅଫିସ, ୧୦।୧୦**

ଢେଙ୍କାନାଳ ଜିଲାରୁ ଶନିବାର ୪୩ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ଚିକିତ୍ସା ପରେ ୭୦ଜଣ ଆରୋଗ୍ୟ ଲାଭ କରିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୪, କାମାକ୍ଷାନଗର ବ୍ଲକ ଏବଂ ଏନ୍‌ଏସିର ୧୪, ସଦର ବ୍ଲକର ୫, ଗଁଦିଆର ୭, ଓଡ଼ାପଡ଼ାର ୭, ହିନ୍ଦୋଳର ୪, ଭୁବନ ବ୍ଲକର ୨ ଜଣ ଅଛନ୍ତି। ଆକ୍ରାନ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ସମେତ ବିଭିନ୍ନ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ମହାବୀର ବଜାର ଅଞ୍ଚଳକୁ ୧୨ ତାରିଖ ଯାଏ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

## ବିଦ୍ୟୁତ ସଂଯୋଗ ନେଇ ବିବାଦ

**ଅନୁଗୋଳ ଅଫିସ୍, ୧୦।୧୦**

ଅନୁଗୋଳ ଶିକ୍ଷକପଡା ସାଇ ମନ୍ଦିର ବସ୍ତିରେ ସୌଭାଗ୍ୟ ଯୋଜନାରେ ବିଜୁଳି ସଂଯୋଗକୁ ନେଇ ଶନିବାର ବିବାଦ ଦେଖାଦେଇଛି। ଏ ନେଇ ଟିପିସିଓଡିଏଲର ନିର୍ବାହୀ ଯନ୍ତ୍ରୀ ସୁବ୍ରତ ସାହୁଙ୍କୁ ବସ୍ତିର କିଛି ଲୋକ ପଚରାଉଚରା କରିବାକୁ ଆସିଥିଲେ। ସେହି ସମୟରେ ବଚସା ହେବା ସହ ବସ୍ତିର କେତେଜଣ ମହିଳାପୁରୁଷ ନିର୍ବାହୀ ଅଧିକାରୀଙ୍କୁ ଠେଲାପେଲା କରିଥିବା ଅଭିଯୋଗ ହୋଇଛି। ପୋଲିସ ୪ ମହିଳାଙ୍କ ସହ ସୁବ୍ରତ ତ୍ରିପାଠୀ ଓ ସତ୍ୟବାଦୀ ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ନାଲ୍‌କୋ ଏମ୍ପ୍ଲଇଜ ସଂଘର ବିକ୍ଷୋଭ


ବିକ୍ଷୋଭରେ ସାମିଲ ହୋଇଥିବା ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାମାନେ।

**ବଣ୍ଠରପାଳ, ୧୦।୧୦(ଡି.ଏନ.ଏ.)**

ନାଲ୍‌କୋ ସ୍ମେଲ୍‌ଟର ପ୍ଲାଣ୍ଟର ଶ୍ରମିକ ସଙ୍ଗଠନ ନାଲ୍‌କୋ ଏମ୍ପ୍ଲଇଜ୍ ସଂଘ ପକ୍ଷରୁ ଶନିବାର କମ୍ପାନୀର ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଆଗାମୀ ଦୁର୍ଗାପୂଜା ବୋନ୍‌ସ, କର୍ମଚାରୀଙ୍କ ବକେୟା ପ୍ରଦାନ ଆଦି ଦାବି କରାଯିବା ସହ ମ୍ୟାନେଜମେଣ୍ଟ ପକ୍ଷରୁ ଟାଳଟୁଳ ନୀତି ଅବଲମ୍ବନ ନ କରାଯିବାକୁ ସଂଘର ସାଧାରଣ ସମ୍ପାଦକ ନିର୍ମଳ କୁମାର ସାମଲ ଦାବି କରିଥିଲେ। ନାଲ୍‌କୋ ମହାପ୍ରବନ୍ଧକ (ମାନବ ସମ୍ବଳ) ସତ୍ୟାନନ୍ଦ ସାହୁଙ୍କ ସହ ସଂଘ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ଖୁବ ଶୀଘ୍ର ସମସ୍ୟା ସମାଧାନ ପାଇଁ କୁହାଯିବା ପରେ ବିକ୍ଷୋଭ ହଟିଥିଲା। ସଂଘର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ମଳୟ କୁମାର ସ୍ୱାଇଁ, ମୁରଲୀଧର ପଣ୍ଡା, ରାମଚନ୍ଦ୍ର ମୁଣ୍ଡା, ରଞ୍ଜିତ କୁମାର ସାହୁ, ଜୀବନ କୁମାର ବିଶ୍ୱାଳ, ବସନ୍ତ ନାଏକ, ମନୋଜ କୁମାର ସ୍ୱାଇଁ, ଅଶ୍ୱିନୀ କୁମାର ସାମଲ ପ୍ରମୁଖ ସାମିଲ ହୋଇଥିଲେ।

## ବାରହା ମାଂସ ଜବତ, ୨ ଶିକାରୀ ଗିରଫ

**କାମାକ୍ଷାନଗର, ୧୦।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ମୁକ୍ତାପଶି ଫରେଷ୍ଟ ସେକ୍ସନ ଅଧୀନ କେଞ୍ଝୁଡି ଗ୍ରାମ ଜଙ୍ଗଲରେ ବାରହା ଶିକାର ଅଭିଯୋଗରେ ୨ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି। ଅଭିଯୁକ୍ତ ହେଲେ ଭାସ୍କର ଟିଗିଆ ଏବଂ ଅଭୟ ମୁଣ୍ଡା। ସେମାନଙ୍କ ନିକଟରୁ ୧୦ କେଜି ମାଂସ ଜବତ କରାଯାଇଛି। କେଞ୍ଝୁଡ଼ି ଗ୍ରାମ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଇ ଜନ୍ତୁ ଶିକାର କରାଯାଉଥିବା ଅଭିଯୋଗ ହେଉଥିଲା। ଶିକାରୀଙ୍କ ଉପରେ ଗ୍ରାମବାସୀ ନଜର ରଖିଥିଲେ। ଜଙ୍ଗଲରେ ବାରହା ଶିକାର କରାଯାଇଥିବା ସୂଚନା ମିଳିବା ପରେ ଗ୍ରାମବାସୀ ଦୁଇ ଶିକାରୀଙ୍କୁ ଅଟକ ରଖି ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ବନ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଚାଲିଛି।

## ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

**ଢେଙ୍କାନାଳ ଅଫିସ, ୧୦।୧୦**

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ ଶନିବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ ମାନସିକ ରୋଗର କାରଣ, ନିରାକରଣ ଉପରେ ଆଲୋକପାତ କରିଥିଲେ। ସାମାଜିକ କର୍ମୀ ଟଙ୍କଧର ବାରିକ, ପ୍ରାଧିକରଣ ପ୍ୟାନେଲ ଲୟର ଉପସ୍ଥିତ ଥିଲେ।

## କନ୍ଦମୂଳ ଚାଷ ଦେଖିଲେ ଅତିରିକ୍ତ ସଚିବ



**ବନ୍ତଲା, ୧୦।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲା ପୁରୁଣାକୋଟ ଥାନା କୋଠଭୂଇଁ ଓ ଟାଇଁସି ପଞ୍ଚାୟତ ଅଞ୍ଚଳକୁ କୃଷି ବିଭାଗର ଅତିରିକ୍ତ ଯୁଗ୍ମ ସଚିବ ମନ୍ମଥ କୁମାର ପାଣି ଶୁକ୍ରବାର ଅପରାହ୍ଣରେ ପରିଦର୍ଶନ କରିଛନ୍ତି। ତାଙ୍କ ସହ ଅନ୍ତର୍ଜାତୀୟ ଆଳୁ କେନ୍ଦ୍ରର ପ୍ରକଳ୍ପ ମ୍ୟାନେଜର ବିଶେଷଜ୍ଞ ଡ. ସାୟଦ ଅଲ୍ଲୀ, ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ଦେବାଶିଷ ସାମନ୍ତରାୟ, ଜିଲା ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ପଦ୍ମ ଲୋଚନ ଦାସ, ସହକାରୀ ଉଦ୍ୟାନ ଅଧିକାରୀ ଅମୃତା ଯଶୱାଲା ପ୍ରମୁଖ ଉପସ୍ଥିତ ଥିଲେ। ସଚିବ ଟାଇଁସି, କୋଠଭୂଇଁ, ବାଘମୁଣ୍ଡା, କଣ୍ଟାବେଡା, କଟରଙ୍ଗମାଳିଆ, ଆଦି ଗ୍ରାମକୁ ଯାଇ ଚାଷୀମାନେ କରିଥିବା କନ୍ଦମୂଳ ଚାଷକୁ ଦେଖିବା ସହିତ ଚାଷୀଙ୍କ ସମସ୍ୟା ବୁଝିଥିଲେ। ବାହାର ରାଜ୍ୟକୁ କିପରି କନ୍ଦମୂଳ ରପ୍ତାନୀ ହେବ ଓ ବଜାର ସହିତ ଚାଷୀମାନଙ୍କ ସିଧାସଳଖ ଯୋଗାଯୋଗ ହୋଇ ପାରିବ ସେ ନେଇ ଆଲୋଚନା ହୋଇଥିଲା। ଏଥିସହିତ କିପରି ମେଶିନ ଦ୍ୱାରା କନ୍ଦମୂଳ ଉତ୍ପାଦନ ହୋଇପାରିବ ସେ ଉପରେ ସଚିବ ଗୁରୁତ୍ୱ ଦେଇଥିଲେ। ଗ୍ରାମରେ ସେଓ, ଚିପ୍ସ ଆଦି ତିଆରି କରିବା ପାଇଁ ଉନ୍ନତ ମେଶିନ କୋଠଭୂଇଁରେ ସ୍ଥାପନ କରିବା ପାଇଁ ସଚିବ ପ୍ରସ୍ତାବ ଦେଇଥିଲେ।

# ୨୦୨୧ ସୁଦ୍ଧା ବସ୍ ଟର୍ମିନାଲ କାର୍ଯ୍ୟକ୍ଷମ ନିର୍ଦ୍ଦେଶ

**ଅନୁଗୋଳ ଅଫିସ, ୧୦।୧୦**

- ୨୦୧୨ରୁ ହୋଇଥିଲା ଚୁକ୍ତିନାମା
- ୫୮ କୋଟିର ବ୍ୟୟ ଅଟକଳ
- ତଦାରଖ କରିବେ ବିଭାଗୀୟ ଅଧିକାରୀ

ଅନୁଗୋଳ ଅତ୍ୟାଧୁନିକ ବସ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ଏ ନେଇ ଅନୁଷ୍ଠିତ ଏକ ବୈଠକରେ ନିର୍ମାଣ କାମ ତୁରନ୍ତ କାର୍ଯ୍ୟ ଶେଷ କରିବା ସହ ୨୦୨୧ ମାର୍ଚ୍ଚ ଶେଷ ସୁଦ୍ଧା ଟର୍ମିନାଲ କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଅନୁଗୋଳରେ ୫୮ କୋଟି ବ୍ୟୟରେ ଏହି ବସ୍‌ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ଚାଲୁଛି। ମିଲନ୍ ବିଲ୍ଡର ଓ ଡେଭଲେପର ଏହି ଦାୟିତ୍ୱ ନେଇଛି। ୨୦୧୨ ଏପ୍ରିଲ ୯ରୁ ଏମ୍‌ଓୟୁ ହୋଇ ପିପିପି ମୋଡ୍‌ରେ ସରକାର, ତାମଡା ଓ ନିର୍ମାଣ କାର୍ଯ୍ୟ ଦାୟିତ୍ୱ ନେଇଥିବା ସଂସ୍ଥା ମଧ୍ୟରେ ବସ୍ ଟର୍ମିନାଲର ନିର୍ମାଣ ପାଇଁ ଚୁକ୍ତିନାମା ହୋଇଥିଲା। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ୯ ଏକର ୭୨ ଡିସିମିଲି ଜାଗା ଯୋଗାଯାଇଛି। ଏହାର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରାଯାଇଛି। ବସ୍‌ଷ୍ଟାଣ୍ଡକୁ ପୂର୍ତ୍ତ ବିଭାଗ ରାସ୍ତା, ପାନୀୟ ଜଳ ଯୋଗାଣ ଓ ଦୋକାନ ଗୃହ ନିର୍ମାଣ ସମ୍ପର୍କରେ ପ୍ରସ୍ତୁତ ହୋଇଥିବା ମ୍ୟାପ୍ ବାବଦରେ ନିର୍ମାଣକାରୀ ସଂସ୍ଥା ଜିଲାପାଳଙ୍କୁ ଅବଗତ କରିଥିଲେ। ସେଠାକୁ ବିଦ୍ୟୁତ୍ ସଂଯୋଗ ପାଇଁ ଥିବା ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବସ୍ ଟର୍ମିନାଲ ମଧ୍ୟରେ ଏଟିଏମ୍, ପୋଲିସ ଫାଣ୍ଡି, ଯାତ୍ରୀ ପ୍ରତୀକ୍ଷାଳୟ ଓ ଶୌଚାଳୟ କାର୍ଯ୍ୟ ସହ ୨୦୨୧ ମାର୍ଚ୍ଚ ସୁଦ୍ଧା ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ସାରି ଏହାକୁ କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବିଭାଗୀୟ ଅଧିକାରୀ ମିଳିତ ଭାବେ ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକୁ ତଦାରଖ କରିବାକୁ ମଧ୍ୟ ସେ କହିଛନ୍ତି। ବୈଠକରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ କୁମାର ନାୟକ, ଜଳସେଚନ ନିର୍ବାହୀ ଯନ୍ତ୍ରୀ ସରୋଜକାନ୍ତ ମିଶ୍ର, ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ମୃତ୍ୟୁଞ୍ଜୟ ପାଣି, ତାମଡା ସମ୍ପାଦକ ବଇତୁରା ଦୀପଙ୍କ ସମେତ ନିର୍ମାଣକାରୀ ସଂସ୍ଥା ଏବଂ ଜାତୀୟ ରାଜପଥ ପ୍ରାଧିକରଣର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।


ଅତ୍ୟାଧୁନିକ ବସ୍ ଟର୍ମିନାଲର ଜିଲାପାଳ ସମୀକ୍ଷା କରୁଛନ୍ତି।

